# NATIONAL NEWS BULLETIN (ODIA)
## 29 July 2026
## Morning Bulletin : 7.15 A.M.

**********************************

## ମୁଖ୍ୟ ସମ୍ବାଦ

- ଲୋକସଭାରେ ଆଜି ମଧ୍ୟ ଜାରି ରହିବ ସାର୍ବଜନୀନ ପରୀକ୍ଷା (ଅସାଧୁ ଉପାୟ ନିବାରଣ) ସଂଶୋଧନ ବିଲ୍ ୨୦୨୬ ଉପରେ ଆଲୋଚନା ।
- ସରକାରୀ ସଚିବ ସ୍ତରୀୟ ବୈଠକରେ ନାଗରିକ କୈନ୍ଦ୍ରିକ ନୀତି ଆଧାରିତ ନିଷ୍ପତ୍ତି ଗ୍ରହଣ କରିବା ଉପରେ ଗୁରୁତ୍ୱ ଦେଲେ ପ୍ରଧାନମନ୍ତ୍ରୀ ।
- ବାଣିଜ୍ୟିକ ଜାହାଜ ଗୁଡ଼ିକରେ ଭାରତୀୟ ନାବିକଙ୍କ ସୁରକ୍ଷା ଓ କଲ୍ୟାଣ ମୂଳକ ପଦକ୍ଷେପଗୁଡ଼ିକର ସମୀକ୍ଷା କଲେ ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରୀ ।
- ଆସାମ ବନ୍ୟାରେ ୭୫କୁ ବୃଦ୍ଧି ପାଇଲା ମୃତ୍ୟୁ ସଂଖ୍ୟା ।

ଏବଂ

- ରାଜ୍ୟଗୋଷ୍ଠୀ କ୍ରୀଡ଼ା ପ୍ରତିଯୋଗିତାର ପୁରୁଷବର୍ଗ ୧୦ ହଜାର ମିଟର ଦୌଡ଼ରେ ରୌପ୍ୟ ପଦକ ହାସଲ କଲେ ଗୁଲବୀର ସିଂହ ।

# ଏଲ୍ଏସ୍-ଏକ୍ସାମ୍ବିଲ୍

ଲୋକସଭାରେ ଆଜି ମଧ୍ୟ ସାର୍ବଜନୀନ ପରୀକ୍ଷା (ଅସାଧୁ ଉପାୟ ନିବାରଣ) ସଂଶୋଧନ ବିଲ୍ ୨୦୨୬ ଉପରେ ଆଲୋଚନା ହେବ । ୨୦୨୪ ଆଇନ୍‌କୁ ସଂଶୋଧନ ନେଇ ଏଥିରେ କେତେକ ପ୍ରସ୍ତାବ ରହିଛି । ଗତକାଲି ଗୃହରେ ଏହି ବିଲ୍ ଉପରେ ଆଲୋଚନା କାଳରେ କାର୍ମିକ, ସାଧାରଣ ଅଭିଯୋଗ ଓ ପେନ୍‌ସନ୍ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ କହିଛନ୍ତି, ଏହି ନୂତନ ବିଲ୍ ଦେଶର ଛାତ୍ର ଏବଂ ଯୁବବର୍ଗଙ୍କ କଲ୍ୟାଣ ପାଇଁ ସରକାରଙ୍କ ଅଙ୍ଗୀକାରବଦ୍ଧତାକୁ ପ୍ରକାଶ କରୁଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଯୁବବର୍ଗଙ୍କ ଭବିଷ୍ୟତ ସହିତ ସାଲିସ୍ ନ କରିବାର ସଂକଳ୍ପକୁ ଏହି ବିଲ୍ ପ୍ରତିପାଦନ କରୁଛି ।

ଡକ୍ଟର ସିଂହ କହିଛନ୍ତି, ପ୍ରଶ୍ନପତ୍ର ପ୍ରଘଟ ଘଟଣାକୁ ପ୍ରତିହତ କରିବା ଲକ୍ଷ୍ୟରେ ଆଇନ୍‌ଗତ ଢାଞ୍ଚାକୁ ଅଧିକ କଠୋର କରିବା ପାଇଁ ଏହି ସଂଶୋଧନ ଅଣାଯାଇଛି ।

ଏହା ଦ୍ୱାରା ପରୀକ୍ଷାଗୁଡ଼ିକର ବିଶ୍ୱସନୀୟତା ବୃଦ୍ଧି ପାଇବ । ଏହି ବିଲ୍‌ରେ ୧୦ ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡ, ୧୦ କୋଟି ଟଙ୍କା ପର୍ଯ୍ୟନ୍ତ ଜରିମାନା ଏବଂ ଦୋଷୀ ସାବ୍ୟସ୍ତ ଅପରାଧିଙ୍କ ସମ୍ପତ୍ତି ଜବତ ଭଳି କଠୋର ଦଣ୍ଡ ସମେତ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ରହିଛି । ମାମଲାର ଶୀଘ୍ର ସମାଧାନ ଲକ୍ଷ୍ୟରେ ପ୍ରତ୍ୟେକ ଦିନ ବିଚାର ପାଇଁ ପ୍ରତ୍ୟେକ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳ ଫାଷ୍ଟ୍ରାକ୍ କୋର୍ଟ୍ ପ୍ରତିଷ୍ଠା କରିବେ । ପୁଲିସ୍ ଷ୍ଟେସନ୍‌ରେ ସୂଚନା ପଞ୍ଜିକୃତ ହେବା ତାରିଖରୁ ଦୁଇ ମାସ ମଧ୍ୟରେ ଅପରାଧର ତଦନ୍ତ ସମାପ୍ତ କରିବା ପାଇଁ ଏହି ବିଲ୍‌ରେ ସମୟସୀମା ଧାର୍ଯ୍ୟ

କରାଯାଇଛି । ଚାର୍ଜସିଟ୍ ଦାଖଲ ହେବାର ତିନି ମାସ ମଧ୍ୟରେ ବିଚାର ପ୍ରକ୍ରିୟା ଶେଷ କରିବା ଉପରେ ବିଲ୍‌ରେ ପ୍ରସ୍ତାବ ରହିଛି ।

ଆଲୋଚନାରେ କଂଗ୍ରେସର ଗୌରବ ଗୋଗୋଇ, ପ୍ରିୟଙ୍କା ଗାନ୍ଧି ଭଦ୍ରା, ସମାଜବାଦୀ ପାର୍ଟିର ଅଖିଳେଶ ଯାଦବ, ବିଜେପିର ବାଂଶୁରୀ ସ୍ୱରାଜ, ତେଜସ୍ୱୀ ସୂର୍ଯ୍ୟ, ଏ.ଆଇ.ଟି.ସି.ର ଅଭିଶେକ ବାନାର୍ଜୀ, ଟି.ଡି.ପି.ର ଲାବୁ ଶ୍ରୀକୃଷ୍ଣ ଦେବରାୟାଲୁ, ଶିବସେନାର ଡକ୍ଟର ଶ୍ରୀକାନ୍ତ ସିନ୍ଦେ, ଡି.ଏମ୍.କେ.ର ଦୟାନିଧି ମାରନ, ଏନ୍.ସି.ପି. (ସପା)ର ସୁପ୍ରିୟା ସୁଲେଙ୍କ ସମେତ ବିଭିନ୍ନ ଦଳର ସଦସ୍ୟ ଅଂଶଗ୍ରହଣ କରିଥିଲେ । ଗତକାଲି ଆଲୋଚନା ଅସମ୍ପୂର୍ଣ୍ଣ ରହିଥିଲା । ଗୃହରେ ଅଧ୍ୟକ୍ଷତା କରୁଥିବା ସନ୍ଧ୍ୟା ରାୟ ଆଜି ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ଅଧିବେଶନକୁ ମୁଲତବୀ ରଖିଥିଲେ ।

## ପିଏମ୍-ସେକ୍ରେଟେରୀ ହାଇଲେବୁଲ୍ ମିଟିଂ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଗତକାଲି ସରକାରୀ ସଚିବ ସ୍ତରୀୟ ଦ୍ୱିତୀୟ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ଅନୁଷ୍ଠିତ ଏହି ବୈଠକରେ ଅର୍ଥ, ବାଣିଜ୍ୟ ଏବଂ ଶିଳ୍ପ, ପ୍ରଯୁକ୍ତିବିଦ୍ୟା କ୍ଷେତ୍ର ଆଦି ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗର ଭବିଷ୍ୟତ କାର୍ଯ୍ୟସୂଚୀ ନେଇ ଶ୍ରୀ ମୋଦୀ ସମୀକ୍ଷା କରିଛନ୍ତି ।

ବିକଶିତ ଭାରତ ଲକ୍ଷ୍ୟ ହାସଲ ଦିଗରେ ପଦକ୍ଷେପକୁ ଅଧିକ ତ୍ୱରାନ୍ୱିତ କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଛି । ବିଭିନ୍ନ ବିଭାଗ ଓ ମନ୍ତ୍ରଣାଳୟ ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ଶ୍ରୀ

ମୋଦୀ ପରାମର୍ଶ ଦେଇଛନ୍ତି । ଏଥିପାଇଁ ମିଳିତ ଦଳ ଗଠନ କରିବାକୁ ଆହ୍ୱାନ ଦେଇଛନ୍ତି ।

ନାଗରୀକ କୈନ୍ଦ୍ରିକ ଶାସନର ଗୁରୁତ୍ୱ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ପ୍ରତ୍ୟେକ ନିଷ୍ପତ୍ତି ଲୋକକଲ୍ୟାଣ ନୀତି ଆଧାରରେ ଗ୍ରହଣ କରାଯିବା ଉଚିତ୍ । ଏଥିସହ ଦେଶର ଭିତ୍ତିଭୂମି ବିକାଶ କ୍ଷେତ୍ରର ନିବେଶକ ତଥା ସ୍ୱଦେଶୀ ପ୍ରଯୁକ୍ତିବିଦ୍ୟା ବିକାଶ ଏବଂ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରଗୁଡ଼ିକରେ ଘରୋଇ ଦକ୍ଷତା ନିର୍ମାଣକୁ ସମାନ ପ୍ରାଥମିକତା ପ୍ରଦାନ କରିବାକୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ବୈଠକରେ କ୍ୟାବିନେଟ୍ ସଚିବ, ପ୍ରମୁଖ ମନ୍ତ୍ରଣାଳୟ ଓ କେନ୍ଦ୍ରୀୟ ବିଭାଗର ସଚିବ, ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀ ଯୋଗଦେଇଥିଲେ ।

## ବିଜେପି-ଗୁରୁ ରବିଦାସ

ସନ୍ଥ ସିରୋମଣି ଗୁରୁ ରବିଦାସ ମହାରାଜଙ୍କ ୬୫୦ତମ ଜନ୍ମ ବାର୍ଷିକୀ ଆଜି ପାଳନ କରାଯାଉଛି । ଏହି ଅବସରରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ଗୁରୁପୂର୍ଣ୍ଣିମା ସହିତ ଦେଶ ବ୍ୟାପି 'ଶ୍ରୀ ଗୁରୁ ରବିଦାସ ମହାରାଜ ସମ୍ରସ୍ତ ସଂକଳ୍ପ ଅଭିଯାନ' ଆରମ୍ଭ କରାଯିବ । ବାରାଣାସୀର ସିର୍ ଗୋବର୍ଦ୍ଧନପୁର ସ୍ଥିତ ସନ୍ଥ ରବିଦାସଙ୍କ ଜନ୍ମ ସ୍ଥାନରେ ଏହି ଅଭିଯାନର ଆନୁଷ୍ଠାନିକ ଶୁଭାରମ୍ଭ କରାଯିବ । ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ସନ୍ଧ୍ୟାରେ ସେହି ସ୍ଥାନ ପରିଦର୍ଶନ କରିବା ସହିତ ପୂଜାର୍ଚ୍ଚନା କରିବାର କାର୍ଯ୍ୟସୂଚୀ ରହିଛି । ସନ୍ଥ ରବିଦାସଙ୍କ ପବିତ୍ର ଜନ୍ମ ସ୍ଥାନରୁ ୧୩୧ ମାଟି କଳସ ଉତ୍ତରପ୍ରଦେଶ ଓ ଦେଶର ବିଭିନ୍ନ ସ୍ଥାନକୁ ପଠାଯିବ ।

ଏଥିରେ ପ୍ରାୟ ୨୫ ହଜାର ଅଂଶଗ୍ରହଣକାରୀଙ୍କୁ ନେଇ ସମ୍ରସ୍ତ ସଂକଳ୍ପ ସଭାର ଆୟୋଜନ କରାଯାଉଛି ।

## ଡବ୍ଲ୍ୟୁବି-ନିଟ୍ ପ୍ରୋଟେଷ୍ଟ

ପ୍ରଶ୍ନପତ୍ର ପ୍ରଘଟ ନେଇ ଅନୁଷ୍ଠିତ ପ୍ରତିବାଦରେ ଅଂଶଗ୍ରହଣକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାକୁ ପଶ୍ଚିମବଙ୍ଗ ସରକାର ନିଷ୍ପତ୍ତି ନେଇଛନ୍ତି । ତେବେ ପୂର୍ବରୁ ଅପରାଧିକ ରେକର୍ଡ଼ ଥିବା ପ୍ରତିବାଦକାରୀଙ୍କ ବିରୁଦ୍ଧରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସରକାର ସ୍ପଷ୍ଟ କରିଛନ୍ତି । ଏ ସଂକ୍ରାନ୍ତ ଏକ ପ୍ରେସ୍ ବିଜ୍ଞପ୍ତି ପ୍ରକାଶ ପାଇଛି । ସୁପ୍ରିମ୍‌କୋର୍ଟ୍‌ଙ୍କ ନିର୍ଦ୍ଦେଶ ଆଧାରରେ ରାଜ୍ୟ ସରକାର ଏହି ନିଷ୍ପତ୍ତି ଗ୍ରହଣ କରିଛନ୍ତି । ରାଜ୍ୟରେ ଏ ସଂକ୍ରାନ୍ତ ପ୍ରତିବାଦରେ ଜଡ଼ିତ ୧୬ ଜଣଙ୍କୁ ଏ ପର୍ଯ୍ୟନ୍ତ ଗିରଫ୍ କରାଯାଇଛି ।

## ସୋନଓ୍ୱାଲ୍-ରିଭ୍ୟୁ ମିଟିଂ

ବାଣିଜ୍ୟିକ ଜାହାଜଗୁଡ଼ିକରେ କାର୍ଯ୍ୟ କରୁଥିବା ଭାରତୀୟ ନାବିକଙ୍କ ସୁରକ୍ଷା ଓ କଲ୍ୟାଣ ମୂଳକ ପଦକ୍ଷେପଗୁଡ଼ିକ ଉପରେ ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନଓ୍ୱାଲ୍ ସମୀକ୍ଷା କରିଛନ୍ତି । ସାମ୍ପ୍ରତିକ ବିଶ୍ୱ ଜାହାଜ ଚଳାଚଳ କ୍ଷେତ୍ରରେ ବୃଦ୍ଧି ପାଉଥିବା ଆହ୍ୱାନକୁ ଦୃଷ୍ଟିରେ ରଖି ଶ୍ରୀ ସୋନଓ୍ୱାଲ୍ ଏହି ସମୀକ୍ଷା କରିଛନ୍ତି ।

କାର୍ଯ୍ୟକାରୀ ରହିଥିବା ସୁରକ୍ଷା ପରିସ୍ଥିତି, ସାମୁଦ୍ରିକ ବିକାଶ ଏବଂ ଜରୁରୀକାଳୀନ ପରିସ୍ଥିତିରେ ଭାରତୀୟ ନାବିକଙ୍କୁ ସହାୟତା ପଦକ୍ଷେପ ଗୁଡ଼ିକ ଉପରେ ଶ୍ରୀ ସୋନଓ୍ୱାଲଙ୍କୁ ବୈଠକରେ ସୂଚନା ପ୍ରଦାନ କରାଯାଇଛି । ପରସ୍ପର ମଧ୍ୟରେ ସମନ୍ୱୟ ବଜାୟ ରଖି ନାବିକଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବାକୁ ସମ୍ପୃକ୍ତ ସଂସ୍ଥାଗୁଡ଼ିକୁ ଶ୍ରୀ ସୋନଓ୍ୱାଲ ପରାମର୍ଶ ଦେଇଛନ୍ତି ।

ନାବିକଙ୍କ ସୁରକ୍ଷାକୁ ସରକାର ପ୍ରାଥମିକତା ପ୍ରଦାନ କରୁଛନ୍ତି ବୋଲି ବୈଠକରେ ଶ୍ରୀ ସୋନଓ୍ୱାଲ କହିଛନ୍ତି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀ, ଜାହାଜ ଚଳାଚଳ ନିର୍ଦ୍ଦେଶାଳୟର ପ୍ରତିନିଧି ଏବଂ ଓମାନ, ସାଉଦିଆରବ, ଇରାନ୍, ରୁଷ ଏବଂ ୟୁକ୍ରେନ୍ ସମେତ ବିଭିନ୍ନ ଦେଶରେ କାର୍ଯ୍ୟରତ ଭାରତୀୟ ମିଶନ୍‌ଗୁଡ଼ିକର ମୁଖ୍ୟ ଏହି ବୈଠକରେ ଯୋଗଦେଇଥିଲେ ।

ନାବିକଙ୍କ ଅଭିଯୋଗ ଏବଂ ସହାୟତା ପ୍ରଦାନ ବ୍ୟବସ୍ଥାରେ ଗ୍ରହଣ କରାଯାଉଥିବା ପଦକ୍ଷେପ, ସୂଚନା ପ୍ରଦାନ, ଅଭିଯୋଗ ସମାଧାନ ଏବଂ ହେଲ୍ପଲାଇନ୍ ନମ୍ବର ମାଧ୍ୟମରେ ଅହୋରାତ୍ର ସେବା ପ୍ରଦାନ କରାଯାଉଛି ବୋଲି ଜାହାଜ ଚଳାଚଳ ନିର୍ଦ୍ଦେଶାଳୟ ଜେନେରାଲ୍ ବୈଠକରେ ସୂଚନା ଦେଇଛନ୍ତି ।

ଅନ୍ୟ ପକ୍ଷରେ ଭାରତ ବିଶ୍ୱ ଦ୍ୱିତୀୟ ସର୍ବବୃହତ ନାବିକ ଯୋଗାଣକାରୀ ରାଷ୍ଟ୍ର ଭାବେ ପରିଗଣିତ ହୋଇଛି । ବିମ୍‌କୋ-ଆଇ.ସି.ଏସ୍. ନାବିକ ମାନବ ସମ୍ବଳ ରିପୋର୍ଟ୍ ୨୦୨୬ ଅନୁଯାୟୀ ବିଶ୍ୱ ଜାହାଜ ଶିଳ୍ପ କ୍ଷେତ୍ରରେ ଭାରତର ମାନବ ସମ୍ବଳ ୧୨ ଦଶମିକ୍ ୧/୬

ପ୍ରତିଶତ ରହିଛି । ଫିଲିପାଇନ୍ସ, ଚୀନ୍, ରୁଷିଆ ଏବଂ ଇଣ୍ଡୋନେସିଆ ପଛରେ ଏ କ୍ଷେତ୍ରରେ ଭାରତ ସ୍ଥାନିତ ହୋଇଛି । ବିଶ୍ୱ ଜାହାଜ ଶିଳ୍ପ କ୍ଷେତ୍ରରେ ପ୍ରାୟ ୩ ଲକ୍ଷ ୧୧ ହଜାର ୯୩୬ ଭାରତୀୟ ସାମୁଦ୍ରିକ ବୃତ୍ତିଧାରୀ କାର୍ଯ୍ୟ କରୁଛନ୍ତି । ସାମୁଦ୍ରିକ କ୍ଷେତ୍ର ଇତିହାସରେ ଭାରତର ଏହା ବ୍ୟାପକ ପରିବର୍ତ୍ତନକୁ ପ୍ରତିପାଦନ କରୁଛି ।

## ଆସାମ ଫ୍ଲଡ୍

ଆସାମ ବନ୍ୟାରେ ମୃତ୍ୟୁ ସଂଖ୍ୟା ୭୫ରେ ପହଞ୍ଚିଛି । ସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ କେବଳ ଶିବସାଗର ଜିଲ୍ଲାରେ ଗତକାଲି ଆଉ ୭ ଜଣଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ଉପର ଆସାମର ପ୍ରଭାବିତ ଜିଲ୍ଲାଗୁଡ଼ିକରେ ବନ୍ୟା ପରିସ୍ଥିତିରେ ସୁଧାର ଆସିଛି । ବନ୍ୟା ପ୍ରଭାବିତ ଅଧିକାଂଶ ଅଞ୍ଚଳରେ ବିଦ୍ୟୁତ୍ ସମେତ ଅନ୍ୟାନ୍ୟ ଅତ୍ୟାବଶ୍ୟକୀୟ ସେବା ପୁନଃ କାର୍ଯ୍ୟକ୍ଷମ ହୋଇଛି । ବନ୍ୟାରେ ପ୍ରାଣ ହରାଇଥିବା ଲୋକଙ୍କ ନିକଟ ସମ୍ପର୍କୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ଡକ୍ଟର ହିମନ୍ତ ବିଶ୍ୱଶର୍ମା ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୪ ଲକ୍ଷ ଟଙ୍କା ଏବଂ ଅତିରିକ୍ତ ୫ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ମୂଳକ ସହାୟତା ରାଶି ଘୋଷଣା କରିଛନ୍ତି । ପ୍ରଭାବିତ ଅଞ୍ଚଳଗୁଡ଼ିକରେ ବାସଗୃହ, ପଶୁପାଳନ, ମତ୍ସ୍ୟଚାଷ ଏବଂ ଫସଲ କ୍ଷୟକ୍ଷତିର ଆକଳନ ଆସନ୍ତା ୩ ତାରିଖରୁ ଆରମ୍ଭ ହେବ । ଏହି ରିପୋର୍ଟ ଆଧାରରେ ଯୋଗ୍ୟ ହିତାଧିକାରୀଙ୍କୁ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି ।

# ପିଓଜେକେ ଡେଥ୍ ଟୋଲ୍

ପାକ୍ ଅଧିକୃତ ଜାମ୍ମୁ କାଶ୍ମୀରରେ ଶାନ୍ତିପୂର୍ଣ୍ଣ ପ୍ରଦର୍ଶନକାରୀଙ୍କ ଉପରେ ପାକିସ୍ତାନ ସେନାର କଠୋର କାର୍ଯ୍ୟାନୁଷ୍ଠାନ ଯୋଗୁଁ ଗତ ଦୁଇ ଦିନ ମଧ୍ୟରେ ୩୦ ଜଣଙ୍କର ମୃତ୍ୟୁ ହୋଇଛି । ସ୍ଥାନୀୟ ମିଳିତ ଆୱାମି କାର୍ଯ୍ୟ କମିଟି ଦେଇଥିବା ସୂଚନା ଅନୁଯାୟୀ ଶାନ୍ତିପୂର୍ଣ୍ଣ ପ୍ରଦର୍ଶନକାରୀଙ୍କ ଉପରେ ପାକିସ୍ତାନ ସେନା ଗୁଳିମାଡ଼ କରିବାରୁ ସୋମବାର ଦିନ ୨୫ ଜଣ ଏବଂ ଗତକାଲି ଆଉ ୫ ଜଣଙ୍କର ମୃତ୍ୟୁ ହୋଇଛି । ପାକିସ୍ତାନୀ କର୍ତ୍ତୃପକ୍ଷଙ୍କ ବିରୁଦ୍ଧରେ ବହୁଦିନ ଧରି ସେଠାରେ ପ୍ରତିବାଦ ଜାରି ରହିଥିବା କମିଟି ସୂଚନା ଦେଇଛି । ଏପରିକି ସେଠାରେ ଇଣ୍ଟରନେଟ୍ ସେବାକୁ ବନ୍ଦ କରାଯିବା ସହ ଯୋଗାଯୋଗ ବ୍ୟବସ୍ଥାରେ ପାକିସ୍ତାନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ପ୍ରତିବନ୍ଧକ ଲାଗୁ ହୋଇଛି ।

ଅନ୍ୟ ପକ୍ଷରେ ଆମେନେଷ୍ଟି ଇଣ୍ଟରନ୍ୟାସନାଲ୍ ପକ୍ଷରୁ ପାକିସ୍ତାନ ସେନାର ଏଭଳି ବର୍ବରତାପୂର୍ଣ୍ଣ କାର୍ଯ୍ୟ ଉପରେ ଏକ ସ୍ୱାଧୀନ ଏବଂ ସ୍ୱଚ୍ଛ ତଦନ୍ତ ପାଇଁ ଆହ୍ୱାନ କରାଯାଇଛି । ଯୋଗାଯୋଗ ବ୍ୟବସ୍ଥାକୁ ପୁନଃ କାର୍ଯ୍ୟକ୍ଷମ କରିବା ଏବଂ ଗଣମାଧ୍ୟମ ଓ ସ୍ୱାଧୀନ ପର୍ଯ୍ୟବେକ୍ଷଙ୍କୁ ସେଠାକୁ ପ୍ରବେଶ କରିବାକୁ ଅନୁମତି ଦେବାକୁ ଆମେନେଷ୍ଟି ଇଣ୍ଟରନ୍ୟାସନାଲ୍ ପକ୍ଷରୁ ପାକିସ୍ତାନ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରାଯାଇଛି ।

# ସିଡବ୍ଲ୍ୟୁଜି-ମେଡାଲ୍ସ

ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପ୍ରତିଯୋଗିତାରେ ପୁରୁଷବର୍ଗ ୧୦ ହଜାର ମିଟର ଦୌଡ଼ ପ୍ରତିଯୋଗିତାରେ ଭାରତର ଗୁଲବୀର ସିଂହ ରୌପ୍ୟ ପଦକ ହାସଲ କରିଛନ୍ତି । ଏହି ସଫଳତା ହାସଲ କରିବାରେ ସେ ଭାରତର ପ୍ରଥମ ଦୌଡ଼କୁଦ ଖେଳାଳି ହୋଇଛନ୍ତି । ମହିଳା ୬୯ କିଲୋ ଭାରତ୍ତୋଳନ ବର୍ଗରେ ହରଜିନ୍ଦର କୌର ରୌପ୍ୟ ପଦକ ହାସଲ କରିଛନ୍ତି । ଏଥିସହ ଭାରତର ପଦକ ତାଲିକା ୧୨କୁ ବୃଦ୍ଧି ପାଇଛି । ଏଥିରେ ଦୁଇଟି ସ୍ୱର୍ଣ୍ଣ, ୭ଟି ରୌପ୍ୟ ଏବଂ ତିନୋଟି ବ୍ରୋଞ୍ଜ ପଦକ ରହିଛି । ମୁଷ୍ଟିଯୋଦ୍ଧା ବର୍ଗରେ ଭାରତୀୟ ପ୍ରତିଯୋଗୀ ସେମିଫାଇନାଲ୍ ପର୍ଯ୍ୟାୟରେ ପହଞ୍ଚିଛନ୍ତି ।